# ସତ୍ୟବାକ୍ୟ

# THE WORD OF TRUTH

**NOVEMBER & DECEMBER 2014**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

CHURCH OF CHRIST

P.O. Box. No. 80, Kakinada

A.P. - 533 001.

Ph : 0884 - 2363722

Vol.19.Nov & Dec - 2014. No-6

Published Bi monthly in Oriya language for the Restoration of pure New Testament Christianity

## DEVOTIONAL THOUGHT

### Christ is the Theme of the Bible

In Genesis, He is the Creator and the Seed of woman
In Exodus, He is the Lamb of God for sinners slain
In Leviticus, He is our High Priest
In Numbers, He is the Star of Jacob
In Deuteronomy, He is the Prophet like Moses.
In Joshua, He is the Captian of the Lord's host
In Judges, He is the Messenger of Jehovah
In Ruth, He is our kinsman Redeemer
In Samuel, He is the Despised and Rejected King
In Kings and Chronicles, He is the Lord of lords and King of kings
In Esther, He is the Providence of God
In Job, He is the risen and returning Redeemer

// ସତ୍ୟବାଣୀ
# VOICE OF TRUTH
VOL - XIX KAKINADA NOV-DEC-2014

## ଯୀଶୁଖ୍ରୀଷ୍ଟ କିଏ ?
### (Who is Jesus Christ ?)

ଏହି ଜଗତରେ ଯୀଶୁଖ୍ରୀଷ୍ଟଙ୍କ ନାମ ନ ଶୁଣିଥିବା ଲୋକମାନଙ୍କ ସଂଖ୍ୟା ଅତି ଅଳ୍ପ । ଅଧିକାଂଶ ଲୋକେ ଯଦିଓ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଶୁଣି ଅଛନ୍ତି, ତଥାପି ତାହାଙ୍କ ବିଷୟକ ବାସ୍ତବତା ବିଷୟରେ ଅଜ୍ଞ ଅଟନ୍ତି । ଲକ୍ଷାଧିକ ଲୋକେ ତାହାଙ୍କ ଠାରେ ବିଶ୍ୱାସ କରନ୍ତି ଓ ଲକ୍ଷାଧିକ ଲୋକେ ତାହାଙ୍କ ଠାରେ ବିଶ୍ୱାସ କରନ୍ତି ନାହିଁ । ବାସ୍ତବରେ ଏହି ଯୀଶୁଖ୍ରୀଷ୍ଟ କିଏ ?

### ଆଦ୍ୟରେ ସେ ପରମେଶ୍ୱରଙ୍କ ସହିତ ଥିଲେ :

ଏବ୍ରୀ ପୁସ୍ତକ କର୍ତ୍ତା ଯୀଶୁଖ୍ରୀଷ୍ଟଙ୍କୁ ପରମେଶ୍ୱରଙ୍କ ''ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି'' ବୋଲି ଏବ୍ରୀ ୧ :୩ ପଦରେ ବର୍ଣ୍ଣନା କରନ୍ତି । ପ୍ରେରିତ ଯୋହନ ଲେଖନୀରୁ ସେ ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।'' (ଯୋହନ ୧ : ୧ ) ବୋଲି ଜାଣିପାରୁ । ଅର୍ଥାତ୍ ଯୀଶୁଖ୍ରୀଷ୍ଟ, ପିତା ପରମେଶ୍ୱର, ପବିତ୍ର ଆତ୍ମାଙ୍କ ସଦୃଶ୍ୟ ପରମେଶ୍ୱର ଅଟନ୍ତି । ସେ ଐଶ୍ୱରିକତ୍ୱର ଏକ ବ୍ୟକ୍ତି ଅଟନ୍ତି । ପରମେଶ୍ୱର ଅନନ୍ତ ଅଟନ୍ତି । ତାହାଙ୍କ ଆଦି ବା ଅନ୍ତ ନାହିଁ । ଯୀଶୁଖ୍ରୀଷ୍ଟ ମଧ୍ୟ ଅନନ୍ତ ପରମେଶ୍ୱର ଅଟନ୍ତି । ଯାହାଙ୍କ ଆଦି ବା ଅନ୍ତ ନାହିଁ । (ଯିଶାଇୟ ୬୩:୧୬) । ''ସେ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି'' (ଏବ୍ରୀ ୧୩:୮) ସେ ସୃଷ୍ଟିର ଆରମ୍ଭରୁ ସୃଷ୍ଟିର ଶେଷ ପର୍ଯ୍ୟନ୍ତ ପରମେଶ୍ୱର ଅଟନ୍ତି । (ପ୍ରକାଶିତ ବାକ୍ୟ ୩:୧୪ ଓ ୨୨:୧୩)

**ଯୀଶୁଖ୍ରୀଷ୍ଟ ସର୍ବସୃଷ୍ଟିକର୍ତ୍ତା ଅଟନ୍ତି :**

''ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ।'' (ଆଦି ୧:୧) ଗ୍ରୀକ୍ ଭାଷାରେ ଏହି ବାକ୍ୟରେ ବ୍ୟବହୃତ ''ପରମେଶ୍ୱର'' ପଦ ବହୁବଚନ ଅଟେ । ଯେଉଁଥିରେ ପିତା ପରମେଶ୍ୱର, ବାକ୍ୟ ଓ ପବିତ୍ର ଆତ୍ମା ଅନ୍ତର୍ଭୁକ୍ତ ଅଟନ୍ତି । ''......ଆମ୍ଭେମାନେ (ବହୁବଚନ) ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟ ନିର୍ମାଣ କରୁ ।'' ବୋଲି ଆଦି ୧:୨୬ ପଦରେ ଲେଖାଯାଏ । ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବର୍ଣ୍ଣନା କରି, ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, ''କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି । ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।'' (କଲସୀ ୧୬:୧୭)

**ଯୀଶୁଖ୍ରୀଷ୍ଟ ମାନବିକ ପିତା ବିନୁ ଏହି ଜଗତରେ ଏକ କନ୍ୟାଙ୍କ ଦ୍ୱାରା ଜନ୍ମଗ୍ରହଣ କରିଥିଲେ :** ତାହାଙ୍କ ଅସାଧାରଣ ଜନ୍ମ ବିଷୟରେ ସାତ ଶତାବ୍ଦୀ ପୂର୍ବେ ଭାବବାଦୀ ଯିଶାଇୟ ଦ୍ୱାରା ବ୍ୟକ୍ତ ହୋଇଥିଲା । ''ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ, ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ପରମେଶ୍ୱର) ରଖିବ ।'' (ଯିଶାଇୟ ୭:୧୪) ଏହି ବାକ୍ୟ ୨୦୦୦ ବର୍ଷ ପୂର୍ବେ ସଫଳ ହୋଇଥିଲା । ସଦାପ୍ରଭୁଙ୍କ ସମ୍ମୁଖରେ ଥିବା ଗାବ୍ରୀଏଲ ଦୂତ ନାଜରିତର କନ୍ୟା ମରିୟମ ନିକଟକୁ ପ୍ରେରିତ ହୋଇଥିଲେ । ସେ ଯୋସେଫଙ୍କୁ କହିଲେ, ''....ହେ ଦାଉଦ ସନ୍ତାନ ଯୋସେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି । ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।'' (ମାଥିଉ ୧:୨୦,୨୧) ଉପରୋକ୍ତ ବାକ୍ୟଗୁଡ଼ିକରୁ, ଏହା ପ୍ରମାଣିତ ହୁଏ ଯେ, ଯୀଶୁଖ୍ରୀଷ୍ଟ ଏକ ଅସାଧାରଣ ମନୁଷ୍ୟ ଥିଲେ ।

**ଯୀଶୁଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି :**

ସେ ଆପଣା ଐଶ୍ୱରିକତ୍ୱ ଓ ଶକ୍ତି ପରିତ୍ୟାଗ କରି ଆପଣାକୁ ଶୂନ୍ୟ କଲେ । ସେ ପିତା ପରମେଶ୍ୱରଙ୍କ ଆଜ୍ଞାବହ ହୋଇ, ମନୁଷ୍ୟରୂପ ଧାରଣ କରି ମନୁଷ୍ୟମାନଙ୍କ ଜ୍ୟେଷ୍ଠ ଭ୍ରାତା ହେଲେ । (ଫିଲିପ ୨:୩-୮) ସେ ମନୁଷ୍ୟ ଜାତିକୁ ପାପରୁ ମୁକ୍ତ କରିବା ନିମନ୍ତେ, ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ ।'' (ଯୋହନ ୩:୧୬,୧୭) ଯୀଶୁ ଜିଖରିୟଙ୍କ ଗୃହରେ କହିଲେ, ''କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି ।'' (ଲୂକ ୧୯:୧୦)

**ଅନେକ ଆଶ୍ଚର୍ଯ୍ୟକର୍ମ ସାଧନ କରି, ସେ ଆପଣାକୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ କରିଥିଲେ :**

''ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟ କର୍ମ ସାଧନ କଲେ,ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ, କିନ୍ତୁ ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଲେଖାଯାଇଅଛି ।'' (ଯୋହନ ୨୦:୩୦,୩୧)

**ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁବରଣ କଲେ, ଯେପରି ତାହାଙ୍କ ଠାରେ ବିଶ୍ୱାସକାରୀ ପ୍ରତ୍ୟେକ ପରିତ୍ରାଣ ପ୍ରାପ୍ତ ହୋଇ, ଜୀବନର ଭରସା ପାଇପାରିବେ :**

''ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ, ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ

ସ୍ମରଣ କରାଉଛି । ଯଦି ତୁମ୍ଭେମାନେ ତାହା ଦୃଢ଼ ଭାବରେ ଧରିଥାଅ ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ, ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ। କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା-ଖ୍ରୀଷ୍ଟ ଶାସ୍ତ୍ରାନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ରାନୁସାରେ ତୃତୀୟ ଦିବସରେ ଉତ୍‌ଥିତ ହେଲେ ।'' (୧ମ କରିନ୍ଥୀ ୧୫:୧-୪)

**ତାହାଙ୍କ ଆଜ୍ଞାବହ ତାହାଙ୍କ ମଣ୍ଡଳୀରୂପ ପରିବାରଭୁକ୍ତ ଖ୍ରୀଷ୍ଟିୟାନମାନଙ୍କୁ ସେ ପରିତ୍ରାଣକର୍ତ୍ତା ଅଟନ୍ତି । (ମାଥିଉ ୧୬:୧୮)** । ସେ ଆପଣା ଶରୀର ରୂପ ମଣ୍ଡଳୀ ନିମନ୍ତେ କ୍ରୁଶୀୟ ମୃତ୍ୟୁ ବରଣ କଲେ । ଯେଉଁମାନେ ତାହାଙ୍କ ବାକ୍ୟର ଆଜ୍ଞାବହ ହୋଇ ଆପଣା ଆପଣା ପାପରୁ ପବିତ୍ରୀକୃତ ହୁଅନ୍ତି, ତାହାଙ୍କ ମଣ୍ଡଳୀରେ ଯୋଗ କରାଯାନ୍ତି । ତାହାଙ୍କ ମଣ୍ଡଳୀ ତାହାଙ୍କ ଶରୀର ସ୍ୱରୂପ । ସେହି ଶରୀରର ସେ ମସ୍ତକ ସ୍ୱରୂପ ଅଟନ୍ତି । ମଣ୍ଡଳୀ ଖ୍ରୀଷ୍ଟଙ୍କ ବଧୂ । ତାହା ଖ୍ରୀଷ୍ଟଙ୍କ ନାମ ଧାରଣ କରେ । ଯାହା କି ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । (ରୋମୀୟ ୧୬:୧୬, ଏଫିସୀ ୫:୨୩,୨. ପ୍ରେରିତ ୨:୪୭, ଏଫିସୀ ୩:୧୫, ପ୍ରେରିତ ୪:୧୨) ପବିତ୍ରୀକୃତ ତାହାଙ୍କ ବଧୂ, ତାହାଙ୍କ ମଣ୍ଡଳୀକୁ ଆପଣା ନିକଟକୁ ଘେନିଯିବା ନିମନ୍ତେ ପୁନର୍ବାର ଏହି ଜଗତକୁ ଆସୁଅଛନ୍ତି ।

**ଯୀଶୁଖ୍ରୀଷ୍ଟ ଐଶ୍ୱରିକତ୍ୱର ଦ୍ୱିତୀୟ ବ୍ୟକ୍ତି ଅଟନ୍ତି: (ମାଥିଉ ୨୮:୧୯,୨୦)** ଏକ ପରମେଶ୍ୱର, ଏକ ପ୍ରଭୁ (ଖ୍ରୀଷ୍ଟ) ଏବଂ ଏକ ଆତ୍ମା (ପବିତ୍ର ଆତ୍ମା) (ଏଫିସୀ ୪:୧-୬) । ସ୍ୱର୍ଗ ଓ ପୃଥିବୀର ସ୍ୱର୍ବାଧିକାର ଯୀଶୁଖ୍ରୀଷ୍ଟଙ୍କୁ ଦତ୍ତ ହୋଇଅଛି । (ମାଥିଉ ୨୮:୧୮) । ପ୍ରଭୁମାନଙ୍କ ପ୍ରଭୁ, ରାଜାମାନଙ୍କ ରାଜା ବର୍ତ୍ତମାନ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ସିଂହାସନରେ ବସି ରାଜତ୍ୱ କରୁଅଛନ୍ତି । (୧ମ ତୀମଥି ୬:୧୫) । ସେ ଦିନେ ଏହି ଜଗତରେ ପ୍ରତ୍ୟକ୍ଷ ଭାବେ ଆସି ତାହାଙ୍କ ବଧୂ, ତାହାଙ୍କ ମଣ୍ଡଳୀକୁ ଆପଣା ସହ ସ୍ୱର୍ଗକୁ ନେଇଯିବେ । ସେଠାରେ ସଦାକାଳ ତାହାଙ୍କ ସହିତ ବାସ କରିବେ । ''ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା

ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ । ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି । ଯେପରି ମଣ୍ଡଳୀ ନିଷ୍କଳଙ୍କ ନିଖୁଣ୍ଟ ଓ ସମସ୍ତ ପ୍ରକାର ଦୋଷରହିତ ହୋଇ ପବିତ୍ର ଓ ଅନନ୍ଦନୀୟ ହୁଏ, ଆଉ ଏହିପରି ଗୌରବମୟ ଅବସ୍ଥାରେ ଉପସ୍ଥିତ କରନ୍ତି ।'' (ଏଫିସୀ ୫:୨୫-୨୭)

ଯୀଶୁ କହିଲେ,''ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କ ଠାରେ ବିଶ୍ୱାସ କର, ମୋ ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ପୁଣି, ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ରହିବି, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।'' (ଯୋହନ ୧୪:୧-୪)

ଆପଣ କି ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରୁଅଛନ୍ତି ? ''....ମୁଁ ଯେ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ, ଆପଣା ଆପଣା ପାପରେ ମରିବ ।'' (ଯୋହନ ୮:୨୪) ଆମ୍ଭେମାନେ ତାହାଙ୍କ ଠାରେ ବିଶ୍ୱାସ କଲେ, ତାହାଙ୍କ ବାକ୍ୟ ପାଳନ କରିବୁ । (ମାର୍କ ୧୬:୬) । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହେବୁ । (ପ୍ରକାଶିତ ୨:୧୦) । ''ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ; ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି. ତାହା ଶେଷଦିନରେ ତାହାର ବିଚାର କରିବ ।'' (ଯୋହନ ୧୨:୪୮) । ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଯାହା କି ନୂତନ ନିୟମରେ ଲିଖିତ ହୋଇଅଛି । ସେହି ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା । ଆସ ଆମ୍ଭେମାନେ ତାହାଙ୍କ ବାକ୍ୟର ଆଜ୍ଞାବହ ହୋଇ, ତାହାଙ୍କ ଗ୍ରାହ୍ୟଯୋଗ୍ୟ ଜୀବନଯାପନ କରୁ ।

***- J.C. Choate***

❋❋❋

# ବେଥାନୀ ନଗରବାସୀ ମରିୟମ
## (Mary of Bethany)

ନୂତନ ନିୟମରେ ମରିୟମ ନାମ୍ନୀ ଚାରୋଟି ସ୍ତ୍ରୀମାନଙ୍କ ନାମ ଉଲ୍ଲେଖ କରାଯାଏ । (୧) ଯୀଶୁଙ୍କ ମାତା ମରିୟମ (୨) ମଗଦଲୀନୀ ମରିୟମ (୩) ଯାକୁବଙ୍କ ମାତା ମରିୟମ (୪) ବେଥାନୀ ନଗରବାସୀ ମରିୟମ ।

ମାର୍ଥା, ମରିୟମ ଓ ଲାଜର ବେଥାନୀ ଗ୍ରାମ ନିବାସୀ ଥିଲେ । ବେଥାନୀ ଯିରୁଶାଲମରୁ ଦୁଇ ମାଇଲ ଦୂରରେ ଅବସ୍ଥିତ ଥିଲା । ମରିୟମଙ୍କ ଜୀବନର ତିନୋଟି ଘଟଣା ନୂତନ ନିୟମରେ ଲିଖିତ ହୋଇଅଛି । ତାହାଙ୍କ କାର୍ଯ୍ୟ, ତାହାଙ୍କ ଜୀବନୀ ଆଦର୍ଶମୟ ଅଟେ । ପ୍ରଥମ ଘଟଣା ବୈଦ ଲୁକଙ୍କ ପୁସ୍ତକରେ ପଢ଼ିପାରୁ, ''ସେମାନେ ଯାତ୍ରା କରୁଥିବା ସମୟରେ ସେ ଗୋଟିଏ ଗ୍ରାମରେ ପ୍ରବେଶ କଲେ ଏବଂ ମାର୍ଥା ନାମ୍ନୀ ଜଣେ ସ୍ତ୍ରୀଲୋକ ଆପଣା ଗୃହରେ ତାହାଙ୍କର ଆତିଥ୍ୟ କଲେ । ମରିୟମ ନାମ୍ନୀ ତାଙ୍କର ଜଣେ ଭଗ୍ନୀ ଥିଲେ, ସେ ପ୍ରଭୁଙ୍କ ପାଦ ତଳେ ବସି ତାହାଙ୍କ ବାକ୍ୟ ଶୁଣୁଥିଲେ । କିନ୍ତୁ ମାର୍ଥା ପରିଚର୍ଯ୍ୟା ବିଷୟରେ ବହୁତ ବ୍ୟସ୍ତ ହେଉଥିଲେ, ଏଣୁ ସେ ତାହାଙ୍କ ନିକଟକୁ ଆସି କହିଲେ, ହେ ପ୍ରଭୁ, ମୋର ଭଉଣୀ ଯେ ଏକାକୀ ମୋ ଉପରେ ପରିଚର୍ଯ୍ୟାର ଭାର ପକାଇ ଦେଉଅଛି, ସେ ଆଡ଼କୁ କଅଣ ଆପଣଙ୍କର ମନ ନାହିଁ ? ତେବେ ମୋତେ ସାହାଯ୍ୟ କରିବା ନିମନ୍ତେ ତାହାକୁ କହନ୍ତୁ । କିନ୍ତୁ ପ୍ରଭୁ ତାଙ୍କୁ କହିଲେ, ମାର୍ଥା, ତୁମ୍ଭେ ବହୁତ ବିଷୟରେ ଚିନ୍ତିତ ଓ ବ୍ୟତିବ୍ୟସ୍ତ ହେଉଅଛ, କିନ୍ତୁ ଅଳ୍ପ କେତୋଟି ବରଂ ଗୋଟିଏ ମାତ୍ର ପ୍ରୟୋଜନ, ମରିୟମ ଓ ଉତ୍ତମ ଭାଗ ମନୋନୀତ କରିଅଛ, ଆଉ ତାହା ଠାରୁ ହରଣ କରାଯିବ ନାହିଁ । (ଲୂକ ୧୦:୩୮-୪୨)

ଯୀଶୁଖ୍ରୀଷ୍ଟ ତାହାଙ୍କ ୧୨ ଜଣ ଶିଷ୍ୟ ଏବଂ ତାହାଙ୍କ ଅନୁଚର ଅନେକଙ୍କୁ ଖାଦ୍ୟ ପରିବେଷଣ କରିବା କାର୍ଯ୍ୟରେ ମାର୍ଥା ବ୍ୟସ୍ତ ଥିଲେ । ତାହାଙ୍କ ବ୍ୟସ୍ତତା ଶାରୀରିକ ଖାଦ୍ୟ ପ୍ରସ୍ତୁତି ବିଷୟରେ ଥିଲା । କିନ୍ତୁ ଯୀଶୁ କହିଲେ,''.....ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ! (ମାଥିଉ ୪:୪) ''.....କଅଣ ଖାଇବ ବା କଅଣ ପିଇବ, ଏପରି ଭାବି

ତୁମ୍ଭମାନଙ୍କ ଜୀବନ ନିମନ୍ତେ, କିଅବା କଅଣ ପିନ୍ଧିବ, ଏପରି ଭାବି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କର ନାହିଁ । ଭକ୍ଷ୍ୟ ଅପେକ୍ଷା ଜୀବନ ଓ ବସ୍ତ୍ର ଅପେକ୍ଷା ଶରୀର କି ଶ୍ରେଷ୍ଠ ନୁହେଁ ? .....ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।'' (ମାଥିଉ ୫:୨୫,୩୩)

କିନ୍ତୁ ତାହାଙ୍କ ଭଗ୍ନୀ ମରିୟମ, ''ପ୍ରଭୁଙ୍କ ପାଦ ତଳେ ବସି ତାହାଙ୍କ ବାକ୍ୟଶୁଣୁଥିଲେ । ''ଯୀଶୁ ତାହାଙ୍କୁ ପ୍ରଶଂସା କରି କହନ୍ତି, ''ସେ ତ ଉତ୍ତମ ମନୋନୀତ କରିଅଛନ୍ତି । (୪୨ତମ ପଦ) ମରିୟମ ତାହାଙ୍କ ସମୟ ପ୍ରଭୁଙ୍କ ପାଦ ତଳେ ବସି, ତାହାଙ୍କ ବାକ୍ୟ ଶୁଣିବାକୁ ସେ ଆପଣା ହୃଦୟ ନିଶ୍ଚିତ କରିଥିଲେ । ଏହା ହିଁ ଅତି ''ପ୍ରୟୋଜନ'' ବିଷୟ । ଯୀଶୁଖ୍ରୀଷ୍ଟ ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ତାହାଙ୍କ ମୁଖ ନିର୍ଗତ ବାକ୍ୟ ମନୁଷ୍ୟମାନଙ୍କୁ ଜୀବନ ଦିଏ । ଦାଉଦ ମହାରାଜା କହନ୍ତି, ''ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ ।'' (ଗୀତ ୧୧୯:୧୦୫) ''ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।'' (ଗୀତ ୧୧୯: ୧୧, ଆୟୁବ ୨୩:୧୨) ହଜାର ହଜାର ସୁନା ଓ ରୂପା ଅପେକ୍ଷା ତୁମ୍ଭ ମୁଖର ବ୍ୟବସ୍ଥା ମୋ ପ୍ରତି ଉତ୍ତମ ।'' (ଗୀତ ୧୧୯:୭୧) । ମରିୟମ, ଯୀଶୁଙ୍କ ପାଦ ତଳେ ବସି ସେହି ସୁମଧୁର ବାକ୍ୟ ଶୁଣୁଥିଲେ ।

ଯୀଶୁଖ୍ରୀଷ୍ଟ ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ସେ ଜଗତରେ ଜୀବନଯାପନ କରିବା ସମୟରେ ଅନେକ ସ୍ଥାନରେ ଅନେକ ସମୟରେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇଥିଲେ । ମାଥିଉ ୫-୭ ପର୍ବରେ ତାହାଙ୍କ 'ପର୍ବତ ଉପଦେଶ' ପଢ଼ିଥାଉଁ । ସମୁଦ୍ରକୂଳରେ, ଅନେକ ସ୍ଥାନରେ ଅନେକ ସମୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ । ତାହାଙ୍କୁ ବନ୍ଦୀ କରିବା ନିମନ୍ତେ ପ୍ରେରିତ ପଦାତିକମାନେ ପ୍ରଧାନ ଯାଜକ ଓ ଫାରୁଶୀମାନଙ୍କ ନିକଟକୁ ଫେରି ଆସି କହିଲେ, ''.......ଏହି ବ୍ୟକ୍ତି ଯେ ପ୍ରକାରେ କଥା କହନ୍ତି, କୌଣସି ମନୁଷ୍ୟ କେବେ ହେଁ ସେ ପ୍ରକାରେ କଥା କହି ନାହିଁ । (ଯୋହନ ୭:୪୬) । ସେ ଈଶ୍ୱରଙ୍କ ରାଜ୍ୟର ସୁସମାଚାର ଉଦାହରଣ ଦ୍ୱାରା

[illegible]

[illegible]

[illegible]

ଏହି ଭାବବାଣୀ ଶ୍ରବଣ କରନ୍ତି ସେମାନେ ଧନ୍ୟ, କାରଣ ସମୟ ସନ୍ନିକଟ ।''
(ପ୍ରକାଶିତ ବାକ୍ୟ ୧ :୩)

ଆମ୍ଭମାନଙ୍କ ଆତ୍ମାର ମଙ୍ଗଳ ନିମନ୍ତେ, ଅଭିବୃଦ୍ଧି ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରୁ, ଶ୍ରବଣରୁ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) । ଆତ୍ମିକ ଜ୍ଞାନରେ ବୃଦ୍ଧି ପାଉଁ । ଏକ ଆରେକକୁ ପ୍ରୋତ୍ସାହିତ କରୁ । ଫିଲିପୀ ନଗରବାସୀ ଲୂଦିଆ ପାଉଲଙ୍କ ପ୍ରଚାର ଆସକ୍ତି ସହ ଶ୍ରବଣ କରିଥିଲେ । ପ୍ରଭୁ ତାହାଙ୍କ ହୃଦୟ ଫିଟାଇ ଦେଇଥିଲେ । ସେ ବାପ୍ତିଜିତ ହୋଇ ସେହି ନଗରର ସୁସମାଚାର କାର୍ଯ୍ୟରେ ଏକ ସ୍ତମ୍ଭ ରୂପେ କାର୍ଯ୍ୟ କରିଥିଲେ ।

ଆଥାନୀର ଯିହୂଦୀ ଓ ଯିହୂଦୀମତବଲମ୍ବୀ ବିଜାତିୟମାନଙ୍କୁ ପାଉଲ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ତାହାଙ୍କ ବାକ୍ୟ ଶ୍ରବଣ କରି କେତେକ ତାହାଙ୍କୁ ପରିହାସ କରିଥିଲେ । ''.....ଆଉ କେହି କେହି କହିଲେ, ଆମ୍ଭେମାନେ ଆଉ ଥରେ ଆପଣଙ୍କ ଠାରୁ ଏହି ବିଷୟ ଶୁଣିବା ।....କିନ୍ତୁ କୌଣସି କୌଣସି ଲୋକ ତାଙ୍କ ସପକ୍ଷ ହୋଇ ବିଶ୍ୱାସ କଲେ, ସେମାନଙ୍କ ମଧ୍ୟରେ ଆରୟପାଗୀୟ ଦୀୟନୁସିୟ, ଦାମାରି ନାମ୍ନୀ ଜଣେ ମହିଳା ଓ ସେମାନଙ୍କ ସହିତ କେତେକ ଲୋକ ଥିଲେ ।''
(ପ୍ରେରିତ ୧୭:୩୨-୩୪)

ଆସ ଆମ୍ଭେମାନେ ମରିୟମ ସଦୃଶ୍ୟ ବିଷୟଙ୍କ ବାକ୍ୟ ଶ୍ରବଣ କରିବାରେ, ତାହାଙ୍କ ସାନ୍ନିଧ୍ୟରେ ସମୟ ବିତାଇବାରେ ଅଧିକ ପ୍ରାଧାନ୍ୟତା ଦେଉ । ଦାଉଦଙ୍କ ସଦୃଶ୍ୟ ସଦାପ୍ରଭୁଙ୍କ ପ୍ରାଙ୍ଗଣରେ ସମୟ ବିତାଇବା ନିମନ୍ତେ ଆମ୍ଭମାନଙ୍କ ପ୍ରାଣ ଲାଳସା କରୁ ।

***- Kabita Gootam***

❋❋❋

# ଅନ୍ୟମାନଙ୍କୁ ତ୍ରାଣକର୍ତ୍ତାଙ୍କ ନିକଟକୁ କଢ଼ାଇ ଆଣିବା
## (Leading others to the Saviour)

ଅନ୍ୟମାନଙ୍କୁ ସଦାପ୍ରଭୁଙ୍କ ନିକଟକୁ କଢ଼ାଇ ଆଣିବା, ଏହି ଜଗତର ସର୍ବଶ୍ରେଷ୍ଠ କାର୍ଯ୍ୟ । ଏହି କାର୍ଯ୍ୟ ଅତ୍ୟଧିକ ଭାବେ ଅବହେଳିତ । ମନୁଷ୍ୟର ଆତ୍ମାର ପରିତ୍ରାଣର କାର୍ଯ୍ୟ ଅମୂଲ୍ୟ । ଏକ ମନୁଷ୍ୟର ଆତ୍ମା, ସମସ୍ତ ଜଗତ ଠାରୁ ମୂଲ୍ୟବାନ । ପ୍ରତ୍ୟେକ ମନୁଷ୍ୟର ଆତ୍ମାର ପରିତ୍ରାଣର୍ଥେ କରାଯାଉଥିବା କାର୍ଯ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଓ ଖ୍ରୀଷ୍ଟୀୟ ସଂଗଠନର ମୁଖ୍ୟ କାର୍ଯ୍ୟ ହେବା ଆବଶ୍ୟାକ । କିନ୍ତୁ ଦୁଃଖର କାରଣ ଏହି କି ଯେ, ଅଧିକାଂଶ ଲୋକଙ୍କ ମୁଖ୍ୟ କାର୍ଯ୍ୟ ଏହା ନୁହେଁ ।

**ଜଗତର ସର୍ବଶ୍ରେଷ୍ଠ କାର୍ଯ୍ୟରେ ଆମ୍ଭେମାନେ କାହିଁକି ଅବହେଳା କରୁଅଛୁ ?**

୧ ) ଶୟତାନ ତା'ର କାର୍ଯ୍ୟରେ ବ୍ୟସ୍ତ । ଶୟତାନର ସର୍ବଶ୍ରେଷ୍ଠ କାର୍ଯ୍ୟ- ମନୁଷ୍ୟମାନଙ୍କୁ ସଦାପ୍ରଭୁଙ୍କ ଠାରୁ ଦୂରରେ ରଖିବା । ପରମେଶ୍ୱରଙ୍କ ସଂକଳ୍ପ ଓ ଶୟତାନର ଦୁଷ୍ଟ କଳ୍ପନା ମଧ୍ୟରେ ସଦାସର୍ବଦା ଯୁଦ୍ଧ ଲାଗିଥାଏ ।

୨ ) ଆମ୍ଭେମାନଙ୍କ ମଧ୍ୟରୁ ଅନେକେ, ଯୀଶୁଖ୍ରୀଷ୍ଟଙ୍କ ବିନୁ ମନୁଷ୍ୟମାନଙ୍କ ଆତ୍ମା ବିନଷ୍ଟ ହୁଏ ବୋଲି ବିଶ୍ୱାସ କରନ୍ତି ନାହିଁ । ଯଦିଓ ଏହି ସତ୍ୟତା ଆମ୍ଭେମାନେ ଅସ୍ୱୀକାର କରୁ, ଆମ୍ଭମାନଙ୍କ କାର୍ଯ୍ୟ ଆମ୍ଭମାନଙ୍କ ବିଶ୍ୱାସ ପ୍ରମାଣିତ କରେ । ପ୍ରେରିତ ପାଉଲ ଖ୍ରୀଷ୍ଟଙ୍କ ବିନୁ ପରିତ୍ରାଣ ନାହିଁ ବୋଲି ବିଶ୍ୱାସ କରି, ଅନେକ ଶ୍ରମ ସହ୍ୟ କରି, ସୁସମାଚାର ପ୍ରକଟ କରିଥିଲେ । ''ଅତଏବ, ପ୍ରଭୁଙ୍କ ବିଷୟକ ଭୟ ଜ୍ଞାତ ହେବାରୁ, ଆମ୍ଭେମାନେ ମନୁଷ୍ୟମାନଙ୍କୁ ମତାଉଅଛୁ.....'' ( ୨ୟ କରିନ୍ଥୀ ୫:୧୧ )

୩) ମନୁଷ୍ୟର ସ୍ୱକୌଶଳ ନୁହେଁ, କିନ୍ତୁ କ୍ରୁଶର ବିଷୟକ ସୁସମାଚାରର ଶକ୍ତି ମନୁଷ୍ୟମାନଙ୍କ ହୃଦୟକୁ ଈଶ୍ୱରଙ୍କ ନିକଟରେ କଢ଼ାଇ ନେବା ବିଷୟ ମନେ ରଖୁନାହୁଁ । ମନୁଷ୍ୟମାନଙ୍କୁ ଈଶ୍ୱରଙ୍କ କ୍ରୁଶ ନିକଟକୁ ଘେନିଯାଇ, ତାହାଙ୍କ ସୁସମାଚାର ଶକ୍ତି ସେମାନଙ୍କ ଆତ୍ମାକୁ ପାପରୁ ମୁକ୍ତ କରିବ ।

୪ ) ଆମ୍ଭମାନଙ୍କ ସ୍ୱଜନ ଓ ଆତ୍ମୀୟ ମଧ୍ୟରେ ସୁସମାଚାର ପ୍ରଚାର କରିବା

କୁଣ୍ଠାବୋଧ ନ  କରୁ । ଆମ୍ଭମାନଙ୍କ ସୁସମାଚାର ପ୍ରଚାର, ସ୍ୱଗୃହରୁ ଆରମ୍ଭ କରୁ ! ହଜାର ହଜାର ମାଇଲ୍ ଦୂରରେ ଥିବା ଅଚିହ୍ନା ଲୋକମାନଙ୍କ ନିକଟକୁ ସୁସମାଚାର ପ୍ରଚାର କରିବା ଅପେକ୍ଷା ସ୍ୱଗୃହରେ ଆତ୍ମୀୟ ବିଷୟ କହିବା କଷ୍ଟକର । ଆମ୍ଭମାନଙ୍କ ଅନ୍ତରଙ୍ଗ ବନ୍ଧୁ, ସ୍ୱଜନ ନିକଟରେ ସୁସମାଚାର ପ୍ରଚାର କରିବା ଦ୍ୱାରା ତାହାର ପ୍ରତିଫଳ ସୁମଧୁର ।

ଆସ, ଆମ୍ଭେମାନେ ତାହାଙ୍କ ପ୍ରେମମୟ ଉଦ୍ଦେଶ୍ୟ ଗୁଡ଼ିକୁ ପ୍ରେମ କରୁ । ହଜି ଯାଇଥିବା ଆତ୍ମାମାନଙ୍କୁ ପ୍ରେମ କରୁ । ସେମାନଙ୍କ ନିମନ୍ତେ ଅନନ୍ତକାଳୀନ ସୁଖମୟ ଜୀବନ ବିଷୟରେ ଚିନ୍ତା କରୁ । ସଦାପ୍ରଭୁଙ୍କୁ ମହିମାନ୍ୱିତ କରୁ ।

***- Him Howrad***

❋❋❋

# ଦାସରୂପ ଖ୍ରୀଷ୍ଟ
## (Christ as a Servant)

ଯୀଶୁ ଆପଣାକୁ ଏକ ଦାସ ରୂପେ ବର୍ଣ୍ଣନା କରନ୍ତି । ସେ କହିଲେ, ''କାରଣ ମନୁଷ୍ୟ ପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପେ ଆପଣା ପ୍ରାଣ ଦେବାକୁ ଆସିଅଛନ୍ତି । (ମାର୍କ-୧୦:୪୫)

ଆମ୍ଭମାନଙ୍କ ସୁପରିଚିତ ପଦ 'ମନୁଷ୍ୟପୁତ୍ର', ମଶୀହଙ୍କ ଏକ ପଦବୀ । ଯିହୂଦୀମାନେ ମନୁଷ୍ୟପୁତ୍ରଙ୍କ ଆଗମନ ନିମନ୍ତେ ଅପେକ୍ଷାରେ ଥିଲେ । ମନୁଷ୍ୟପୁତ୍ର ଆଗମନ କରି, ରୋମୀୟ ସାମ୍ରାଜ୍ୟରୁ ସେମାନଙ୍କୁ ମୁକ୍ତ କରିବେ ବୋଲି ବିଶ୍ୱାସ କରୁଥିଲେ । କାରଣ ଭାବବାଦୀ ଦାନିୟେଲ ମନୁଷ୍ୟପୁତ୍ରଙ୍କ ବିଷୟରେ କହିଥିଲେ, ''ପୁଣି, ସମୁଦାୟ ଗୋଷ୍ଠୀ ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ, ଏଥିପାଇଁ ତାହାଙ୍କୁ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ଦତ୍ତ ହେଲା, ତାହାଙ୍କ

କର୍ତ୍ତୃତ୍ୱ ଅନନ୍ତକାଳ କର୍ତ୍ତୃତ, ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କ ରାଜ୍ୟ ଅବିନାଶ୍ୟ।'' (ଦାନିୟେଲ ୭:୧୪)

କିନ୍ତୁ ଯୀଶୁ ସେମାନଙ୍କ ମନୋଭାବର ବ୍ୟତିରେକ ଭାବରେ କହିଲେ, ମନୁଷ୍ୟପୁତ୍ର ସେବା ପାଇବାକୁ ଆସି ନାହାନ୍ତି, ବରଂ ସେବା କରିବାକୁ ଆସିଅଛନ୍ତି । ଫିଲୀପୀୟ ଅଞ୍ଚଳରେ ପିତର ଯୀଶୁଙ୍କ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିବା ପରେ ଯୀଶୁ କହିଲେ, ''......ମନୁଷ୍ୟପୁତ୍ରଙ୍କୁ ଅବଶ୍ୟ ବହୁତ ଦୁଃଖ ଭୋଗ କରିବାକୁ ହେବ ଏବଂ ପ୍ରାଚୀନ, ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇ ହତ ହେବାକୁ ହେବ, ପୁଣି ତିନିଦିନ ପରେ ପୁନରୁତ୍ଥାନ କରିବାକୁ ହେବ ।'' (ମାର୍କ ୮:୩୧) । ଯିହୂଦୀ ଧର୍ମରେ 'ମନୁଷ୍ୟପୁତ୍ର'ଙ୍କ ସ୍ଥାନ ଉତ୍କୃଷ୍ଟତମ ଓ ଦାସର ନିମ୍ନତମ ସ୍ଥାନ । ତଥାପି ଯୀଶୁ ଆପଣା ଜୀବନରେ ଓ ଶିକ୍ଷାରେ ଦୁଇସ୍ତରକୁ ମିଳିତ କରିଥିଲେ ।

ଯୀଶୁ ସ୍ୱଗୌରବ ସନ୍ଧାନୀ ନ ଥିଲେ । ଯେଉଁମାନେ ସ୍ୱଗୌରବ ଖୋଜୁଥିଲେ, ସେ ସେମାନଙ୍କୁ ନିନ୍ଦା କରୁଥିଲେ । ''ଆଉ ଭୋଜିରେ ପ୍ରଧାନ ସ୍ଥାନ ଓ ସମାଜ ଗୃହରେ ପ୍ରଧାନ ଆସନ, ପୁଣି ହାଟବଜାରରେ ନମସ୍କାର ପାଇବାକୁ ଓ ଲୋକଙ୍କ ଦ୍ୱାରା ଗୁରୁ ବୋଲି ସମ୍ବୋଧିତ ହେବାକୁ ଭଲ ପାଆନ୍ତି ।'' (ମାଥିଉ ୨୩:୬-୭) । ସେ ପଦବୀ ଓ ଗୌରବ ଅନ୍ୱେଷଣ ନ କରିବା ପାଇଁ ଆପଣା ଶିଷ୍ୟମାନଙ୍କୁ କହିଅଛନ୍ତି । ''କିନ୍ତୁ ତୁମ୍ଭେମାନେ ଗୁରୁ ବୋଲି ସମ୍ବୋଧିତ ହୁଅ ନାହିଁ, କାରଣ ତୁମ୍ଭମାନଙ୍କର ଗୁରୁ ଜଣେ, ପୁଣି ତୁମ୍ଭେମାନେ ସମସ୍ତେ ଭାଇ । ଆଉ, ପୃଥିବୀରେ କାହାକୁ ହିଁ ପିତା ବୋଲି ସମ୍ବୋଧନ କର ନାହିଁ, କାରଣ ତୁମ୍ଭମାନଙ୍କର ପିତା ଜଣେ, ସେ ସ୍ୱର୍ଗରେ ଅଛନ୍ତି । ଆଉ, ତୁମ୍ଭେମାନେ ନେତା ବୋଲି ସମ୍ବୋଧିତ ହୁଅ ନାହିଁ, କାରଣ ତୁମ୍ଭମାନଙ୍କର ନେତା ଜଣେ, ସେ ଖ୍ରୀଷ୍ଟ ।'' କିନ୍ତୁ ତୁମ୍ଭମାନଙ୍କ ମଧ୍ୟରେ ଯେଉଁ ଲୋକ ଶ୍ରେଷ୍ଠ, ସେ ତୁମ୍ଭମାନଙ୍କର ସେବକ ହେବ ।'' (ମାଥିଉ ୨୩:୮-୧୧) ଯୀଶୁଖ୍ରୀଷ୍ଟ ସର୍ବଶ୍ରେଷ୍ଠ ପଦବୀ ଓ ଗୌରବର ଅଧିକାରୀ ହେଲେ ସୁଦ୍ଧା, ତାହାଙ୍କ ନିମନ୍ତେ ସେବା ହିଁ ପ୍ରକୃତ ପୁରସ୍କାର, ଆସ ଆମ୍ଭେମାନେ ତାହାଙ୍କ ଆଦର୍ଶ ଅନୁସରଣ କରୁ ।

**- Tom Kelton**

❋ ❋ ❋

# ଈଶ୍ୱରଙ୍କ ପ୍ରତିବାଦ କରିଙ୍କା !

## (Talking Back to God !)

ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟଙ୍କ ମଣ୍ଡଳୀରେ ବିଜାତିମାନଙ୍କ ପରିତ୍ରାଣ ବିଷୟରେ ବିବାଦ ଉଠିଥିଲା । ପୁରାତନ ବ୍ୟବସ୍ଥାର ପ୍ରଚଳିତ ନୋହିଲା । ଇଶ୍ରାଏଲୀୟମାନେ ଆପଣାକୁ ଅବ୍ରାହମଙ୍କ ବଂଶଧର ବୋଲି ଦାବୀ କରୁଥିଲେ । ଏହି ସମସ୍ୟା ବିଷୟରେ ପାଉଲ ରୋମୀୟ ମଣ୍ଡଳୀକୁ ଲେଖିଲେ, ''କିନ୍ତୁ ହେ ମନୁଷ୍ୟ, ତୁମ୍ଭେ କିଏ ଯେ ଈଶ୍ୱରଙ୍କ ପ୍ରତିବାଦ କର ? ନିର୍ମିତ ବସ୍ତୁକି ନିର୍ମାତାଙ୍କୁ କହିବ, ମୋତେ ଏପରି ଗଢ଼ିଲ କାହିଁକି ? କିମ୍ବା ଗୋଟିଏ ମାଟିପିଣ୍ଡୁଳାକୁ ଗୋଟିଏ ପାତ୍ର ଆଦର ନିମନ୍ତେ ଓ ଅନ୍ୟଟି ଅନାଦର ନିମନ୍ତେ ଗଢ଼ିବା ପାଇଁ କି ମାଟି ଉପରେ କୁମ୍ଭକାରର ଅଧିକାର ନାହିଁ ? (ରୋମୀୟ ୯:୨୦,୨୧)

ଈଶ୍ୱରଙ୍କ ପ୍ରତିବାଦ କରିବା, ମନୁଷ୍ୟ ସମାଜର ପୁରାତନ ରୋଗ । 'ପ୍ରେମମୟ ପରମେଶ୍ୱର ଭୟଙ୍କର ନରକ, ମୋ ନିମନ୍ତେ ପ୍ରସ୍ତୁତ କରିପାରନ୍ତି ନାହିଁ' ବୋଲି ସଦାପ୍ରଭୁଙ୍କ ବାକ୍ୟ ଅଜ୍ଞାତ ଲୋକ କହିବା ସାଧାରଣ ବିଷୟ । ଏପରି ଲୋକେ ନ୍ୟାୟବାନ ପରମେଶ୍ୱରଙ୍କ ନ୍ୟାୟ ବିଷୟରେ ଅଜ୍ଞାତ ଅଟନ୍ତି । ଏହା ସତ୍ୟ ଅଟେ ଯେ, ଆମ୍ଭମାନଙ୍କ ସ୍ୱର୍ଗୀୟ ପରମେଶ୍ୱର ପ୍ରେମମୟ ଓ କ୍ଷମାଶୀଳ ଅଟନ୍ତି । ଏହା ମଧ୍ୟ ସତ୍ୟ ଅଟେ ଯେ, ସେ ସତ୍ୟ ଓ ପାପ ଘୃଣାକାରୀ ପରମେଶ୍ୱର ଅଟନ୍ତି । ପବିତ୍ର ପରମେଶ୍ୱରଙ୍କ ନିକଟରେ ପାପୀ ନିବାସ କରିପାରେ ନାହିଁ କିଅବା ପାପୀ ତାହାଙ୍କ ନିକଟବର୍ତ୍ତୀ ହୋଇପାରେ ନାହିଁ ।

ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ଆବଶ୍ୟକ ବୋଲି ନୂତନ ନିୟମରେ ଲିଖିତ ହେବା ସତ୍ତ୍ୱେ, ଅନେକେ ଏହି ବାକ୍ୟ ପାଳନ କରନ୍ତି ନାହିଁ । ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପାଉଲ ଯିହୂଦୀ ଜନତାକୁ କହିଲେ,''.......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ ।'' (ପ୍ରେରିତ ୨:୩୮) । ବାପ୍ତିଜିତ ହୋଇ ଆମ୍ଭେମାନେ ପାପକ୍ଷମା ପ୍ରାପ୍ତ

ହୋଇ, ଖ୍ରୀଷ୍ଟଙ୍କ ଠାରେ ସଂଯୁକ୍ତ ହେଉ । ବାପ୍ତିସ୍ମ ଦ୍ୱାରା ଆମ୍ଭେ ପରିତ୍ରାଣ ପାଇ, ତାହାଙ୍କୁ ଧାରଣ କରିଥାଉ । ପାପୀ ମନୁଷ୍ୟ, ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଆମ୍ଭମାନଙ୍କୁ କିପରି ପାପରୁ ମୁକ୍ତି କରିବା ଆବଶ୍ୟକ ଶିକ୍ଷା ଦେବା ଆବଶ୍ୟକ ନାହିଁ ।

ତାହାଙ୍କୁ ଉପାସନା କରିବା ଦ୍ୱାରା ସଦାପ୍ରଭୁ ମନୁଷ୍ୟଙ୍କୁ କଅଣ ଦେବେ ବୋଲି ଅନେକ ପ୍ରଶ୍ନ କରନ୍ତି । ସଦାପ୍ରଭୁ ହୃଦୟ ଅନ୍ୱେଷଣକାରୀ ଅଟନ୍ତି, ତାହାଙ୍କୁ ଉପାସନା କରିବା ଆବଶ୍ୟକ ନାହିଁ ବୋଲି ଅନେକ ମନେ କରନ୍ତି । ଉପାସନାରେ ଯୋଗଦାନ କରିବା ଦ୍ୱାରା କେହି ପରିତ୍ରାଣ ପ୍ରାପ୍ତ ହୋଇପାରେ ନାହିଁ ବୋଲି ଅନ୍ୟ ବର୍ଗର ଲୋକେ ଯୁକ୍ତି କରିଥାନ୍ତି । ଯୀଶୁ କହିଲେ,''ଈଶ୍ୱର ଆତ୍ମା, ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ଉଚିତ ।'' (ଯୋହନ ୪:୨୪) । ଉପାସନା ବିଷୟରେ ବାଇବଲରେ ଅନେକ ବିଷୟ ଲିଖିତ ହୋଇଅଛି । ଦୁଇ ହଜାର ବର୍ଷ ପୂର୍ବେ ଯୀଶୁ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଉପାସନା ପଦ୍ଧତି ପରିତ୍ୟାଗ କରିବା କେତେ ଭୟଙ୍କର ବିଷୟ ! ମାଟି କୁମ୍ଭ କୁମ୍ଭାରକୁ ପ୍ରଶ୍ନ କରି ନ ପାରେ ।

ଶେଷରେ, ପ୍ରେରିତ ପାଉଲ କହନ୍ତି, ''ଆହା ! ଈଶ୍ୱରଙ୍କ ବୁଦ୍ଧି ଓ ଜ୍ଞାନରୂପ ନିଧି କେଡ଼େ ଗଭୀର । ତାହାଙ୍କର ବିଚାର ସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥସବୁ କିପରି ଅନୁସନ୍ଧେନିୟ ! କାରଣ, ପ୍ରଭୁଙ୍କର ମନ କିଏ ଜାଣିଅଛି ? କିମ୍ବା ତାହାଙ୍କର ମନ୍ତ୍ରୀ କିଏ ହୋଇଅଛି ? ଅବା କିଏ ତାହାଙ୍କୁ ପ୍ରଥମରେ ଦାନ କରିଅଛି ଆଉ ତାକୁ ପ୍ରତିଦାନ କରାଯିବ ? ଯେଣୁ ସମସ୍ତ ବିଷୟ ତାହାଙ୍କ ଠାରୁ, ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ଯୁଗେ ଯୁଗେ ଗୌରବ ତାହାଙ୍କର । ଆମେନ୍ ! (ରୋମୀୟ ୧୧:୩୩-୩୫) । ପାଉଲ ଏହି ପଦଗୁଡ଼ିକ ଯିଶାଇୟ ୪୯ ଓ ଆୟୁବ ୪୧ ଅଧ୍ୟାୟରୁ ଉଲ୍ଲେଖ କରନ୍ତି । ମୁଖ୍ୟ ବିଷୟ ହେଲା, ''ତାହାଙ୍କର ମନ୍ତ୍ରୀ କିଏ ହୋଇଅଛି ?'' ସଦାପ୍ରଭୁଙ୍କୁ କିଏ ମନ୍ତ୍ରଣା ଦେଇପାରେ ?

ସଦାପ୍ରଭୁ ବୁଦ୍ଧି ଓ ଜ୍ଞାନ ସମ୍ପୂର୍ଣ୍ଣ ଅଟନ୍ତି । ମନୁଷ୍ୟର ଜ୍ଞାନ ସଦାପ୍ରଭୁଙ୍କ ମୂର୍ଖତା ସହ ମଧ୍ୟ ସମାନ ନୁହେଁ ( ୧ମ କରିନ୍ଥୀ ୧:୨୫) ତାହାଙ୍କ ନ୍ୟାୟ ଅନନୁସନ୍ଧେୟ । ସେ ସର୍ବଦା ସତ୍ୟ ଓ ନ୍ୟାୟ ବିଚାର କରନ୍ତି ଓ ଆଜ୍ଞା ଦିଅନ୍ତି । ସତ୍ୟ ତାହାଙ୍କ ଦ୍ୱାରା

ସ୍ଥିରତ ହୁଏ । ମନୁଷ୍ୟ କେବେ ବି ସଦାପ୍ରଭୁଙ୍କୁ ପ୍ରଶ୍ନ କରି ନ ପାରେ । ସଦାପ୍ରଭୁଙ୍କ ଆଜ୍ଞା ସକଳ ନମ୍ର ଭାବେ ପାଳନ କରିବା ଓ ବିଶ୍ୱାସରେ ତାହାଙ୍କ ସହବାସ କରିବା ହିଁ ମନୁଷ୍ୟ ସମାଜର ପ୍ରଥମ କର୍ତ୍ତବ୍ୟ ।

ଦୟାକରି, କେବେବି ସଦାପ୍ରଭୁଙ୍କ ପ୍ରତିବାଦ ନ କର ।

**- *Harvey Porter***

❋❋❋

## ଲୋଟଙ୍କ ଭାର୍ଯ୍ୟା

**(Lot's Wife - A warning Against Disobedience)**

ସଦୋମ ଓ ହମୋରା ନଗରଗୁଡ଼ିକର ପାପ ଅତିଶୟ ଗୁରୁତର ହେବାରୁ, ସଦାପ୍ରଭୁ ସେହି ନଗରଗୁଡ଼ିକୁ ବିନଷ୍ଟ କରିବା ନିମନ୍ତେ ସଂକଳ୍ପ କଲେ । ବିନଷ୍ଟ କରିବା ପୂର୍ବରୁ ଧାର୍ମିକ ଲୋଟଙ୍କୁ ଆପଣା ଭାର୍ଯ୍ୟା ଓ ଦୁଇ କନ୍ୟା ସହିତ ସଦୋମ ନଗର ପରିତ୍ୟାଗ କରି ନିରାପଦ ସ୍ଥାନକୁ ପଳାଇଯିବା ନିମନ୍ତେ ଆଜ୍ଞା ଦେଲେ । ଈଶ୍ୱରଙ୍କ ଦୂତ ଲୋଟଙ୍କୁ କହିଲେ, ''ପ୍ରାଣରକ୍ଷା ନିମନ୍ତେ ପଳାଅ, ପଛଆଡ଼କୁ ଦୃଷ୍ଟି କରନାହିଁ ଓ ଏହି ସମସ୍ତ ପ୍ରାନ୍ତର ମଧ୍ୟରେ ହେଁ ନାହିଁ, ପର୍ବତକୁ ପଳାଇ ଯାଅ, ନୋହିଲେ ବିନଷ୍ଟ ହେବ ।'' (ଆଦି ୧୯:୧୭)

ବାଇବଲରେ ଏହା ଏକ ସୁପରିଚିତ କାହାଣୀ ତଥାପି ଅନେକଙ୍କୁ ଏହି କାହାଣୀ ବିଷୟରେ ବିଭିନ୍ନ ଅଭିପ୍ରାୟ ରହିଅଛି । ''ଲୋଟଙ୍କ ସ୍ତ୍ରୀର କଥା ସ୍ମରଣ କର ।'' ବୋଲି ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଥିଲେ । ଅନାଜ୍ଞାବହତା ତାହାଙ୍କର ପାପ । ଈଶ୍ୱର ଆମ୍ଭମାନଙ୍କ ଆଜ୍ଞାବହତା ଲୋଡ଼ନ୍ତି । ସେ ଆମ୍ଭମାନଙ୍କ ଆଜ୍ଞାବହତା କାହିଁକି ଲୋଡ଼ନ୍ତି ? ଆମ୍ଭେମାନେ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଜିତ । ଭଲ ଓ ମନ୍ଦର ପାର୍ଥକ୍ୟ ବୁଝି, ମନ୍ଦ ପରିତ୍ୟାଗ କରି ଭଲ ଗ୍ରହଣ କରିବାର ଶକ୍ତି କେବଳ ମନୁଷ୍ୟମାନଙ୍କର ଅଛି । ଆମ୍ଭମାନଙ୍କ ଜୀବନ ସୁଖ ଓ ସରଳ ଭାବ ବିତାଇବା ନିମନ୍ତେ ଈଶ୍ୱର ଆମ୍ଭମାନଙ୍କୁ କେତୋଟି ଆଜ୍ଞା ଦେଇଅଛନ୍ତି । ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଦତ୍ତ ହୋଇଅଛି । ସେହି ଆଜ୍ଞାଗୁଡ଼ିକ ଆମ୍ଭେମାନେ

ପାଳନ କରିବାରେ ତାହାଙ୍କ ସନ୍ତୋଷ ପାତ୍ର ହୋଇପାରୁ । ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ପାଳନ କରିବା ବ୍ୟକ୍ତି, ଆପଣା ଜୀବନରେ କେବଳ ଦୁଃଖକଷ୍ଟ ଓ ଶେଷରେ ଆତ୍ମିକ ମରଣ ଲଭିବ । ତାହା କେତେ ଭୟଙ୍କର ବିଷୟ ! ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଇହଲୋକରେ ତଥା ପରଲୋକରେ ମଧ୍ୟ ଈଶ୍ୱରଙ୍କ ପ୍ରିୟ ପାତ୍ର ହୋଇପାରିବା ।

***- Lottie Beth Hobbs***

❋❋❋

## MARY AND MARTHA

"Mary and Martha : Martha and Mary.
Two Sisters are they, yet their views are contrary
one sister sits at the master feet,
The other one warriers, what will her guests eat ?
Mary and Martha : Martha and Mary.
Two sisters are they, one is calm, one is weary,
One sister scurriers about in a rush.
The other one listens in the still silent hush.
Two sisters trying to put forth their best
One is busy and one is at rest
One sister wants to make her home clean,
The other wants wisdom from Jesus to glean,
Two sisters whose views of both I can see
One sets the table and gets water for tea.
The other puts spiritual things ahead of the rest,
Two differing views, yet which sister is blessed ?"

**- Juene Nulph**

ı Psalms, He is the Blessed Man, the Son of God, the coming One, the Reigning One, the Leader of Praise
ı Proverbs, He is our wisdom
ı Song of Solomon, He is my beloved
ı Isaiah, He is the Lord of righteousness.
ı Lamentations, He is the Man of Sorrows
n Ezekiel, He is the Throne Sitter.
ı Daniel, He is the Smiting Stone
n Hosea, He is David's Greater King
n Joel, He is the Lord of bounty
n Amos, He is the Rescuer of Israel
n Obadiah, He is the Deliverer upon Mount Zion.
n Jonah, He is the buried and Risen Savior
in Micah, He is the Everlasting God.
In Nahum, He is the Stronghold in the day of wrath
In Zephaniah, He is the Smitten Shepherd
In Malachi, He is the Son of Righteousness.
In Matthew, He is the King of the Jews
In Mark, He is the Servant of Jehovah
In Luke, He is the Perfect Son of man
In John, He is the Son of God
In Act, He is our ascended Lord
In Romans, He is our righteousness
In 1.Corinthians, He is the first fruits from the dead
In 2 Corinthians, He is made sin for us
In Galations, He is the end of the Law
In Ephesians, He is our armour
In Philippians, He is the supplier of every need
In Colossians, He is the pre-eminent One
In 1 Thessalonians, He is our returning Lord

In 2 Thessalonians, He is the World's Merciful Judge
In 1 Timothy, He is our mediator
In 2 Timothy, He is the Bestower of Crowns
In Titus, He is our Great God and Savior
In Philemon, He is the Father's Partner
In Hebrews, He is the Rest of Faith and Fulfiller of Typ
In James, He is the Lord Of Sabaoth (Hosts)
In 1 Peter, He is the Theme of Old Testament Prophec
In 2 Peter, He is the Longsuffering Savior
In 1 John, He is the Word of Life
In 2 John, He is the Target of Anti-Christ
In 3 John, He is the Personification of Truth
In Jude, He is the Believer's Hope
In Revelation, He is the Lovable Lord and King

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)